# NATIONAL NEWS BULLETIN (ODIA)

**4 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଜିଠାରୁ ତିନିଦିନିଆ ଫିଜି, ନ୍ୟୁଜିଲାଣ୍ଡ ଏବଂ ତିମୋରଲିସ୍ତେ ଦେଶ ଗସ୍ତ ।
- ହିମାଚଳ ପ୍ରଦେଶର ବର୍ଷା ପ୍ରଭାବିତ ଅଞ୍ଚଳରେ ନିଖୋଜ ଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ତଲାସୀ ଅଭିଯାନ ଜାରି ।
- ଉତ୍ତରପ୍ରଦେଶରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ୭ଜଣଙ୍କର ମୃତ୍ୟୁ ।
- ବାଂଲାଦେଶରେ ସଂରକ୍ଷଣ ବିରୋଧୀ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ।

ଏବଂ

- ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଆଜି କଲମ୍ବୋଠାରେ ହେବ ଅନୁଷ୍ଠିତ

---

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ ଫିଜି, ନ୍ୟୁଜିଲାଣ୍ଡ ଏବଂ ତିମୋରଲିସ୍ତେ ଦେଶ ଗସ୍ତରେ ଯିବେ । ଗସ୍ତର ପ୍ରଥମ ପର୍ଯ୍ୟାୟରେ

ବିଳମ୍ବିତ ରାତିରେ ଦିଲ୍ଲୀରୁ ବାହାରି ଫିଜିଓ ନାଡି ଅଭିମୁଖେ ଯାତ୍ରା କରିବେ । ଫିଜିର ରାଜଧାନୀ ଶୁଭାଠାରେ ରାଷ୍ଟ୍ରପତି ସେଠାକାର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ନେଇ ଆଲୋଚନା କରିବେ । ଫିଜି ସଂସଦକୁ ରାଷ୍ଟ୍ରପତି ସମ୍ବୋଧନ କରିବା ସହ ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାପରେ ସେଠାରୁ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ । ୱେଲିଂଟନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀରେ ଯୋଗଦେବା ସହ ନ୍ୟୁଜିଲାଣ୍ଡର ପ୍ରମୁଖ ନେତୃମଣ୍ଡଳୀଙ୍କ ସହ ଦୁଇଦେଶ ମଧ୍ୟରେ ସମ୍ପର୍କ ନେଇ ଆଲୋଚନା କରିବେ । ଅକ୍‌ଲାଣ୍ଡଠାରେ ପ୍ରବାସୀ ଭାରତୀୟଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଗସ୍ତର ଶେଷ ପର୍ଯ୍ୟାୟରେ ରାଷ୍ଟ୍ରପତି ତିମୋର ଲିସ୍ତେର ରାଜଧାନୀ ଡିଲିଠାରେ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତିଙ୍କ ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଭାରତର ପ୍ରାଚ୍ୟ ନୀତି ଏବଂ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ସମ୍ପକକୁ ଦୃଢ଼ିଭୂତ କରିବା ।

## ଏଚ୍‌ଏମ୍-ଚଣ୍ଡିଗଡ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚଣ୍ଡିଗଡଠାରେ ଅପରାଧିକ ନ୍ୟାୟର କାର୍ଯ୍ୟକାରୀତାକୁ ନେଇ ଇ-ପ୍ରମାଣପତ୍ର, ନ୍ୟାୟସେତୁ, ନ୍ୟାୟ ଶ୍ରୁତି ଓ ଇ-ସମନ ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ଏହାଛଡା ମଣିମାଜରାଠାରେ

ସ୍ମାର୍ଟସିଟି ମିଶନ ଜରିଆରେ ୨୪ଘଣ୍ଟିଆ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ହିମାଚଳ-ବର୍ଷା

ହିମାଚଳ ପ୍ରଦେଶର ସିମ୍‌ଲା, ମଣ୍ଡି ଓ କୁଲୁ ଜିଲ୍ଲାରେ ବାଦଲଫଟା ବର୍ଷା ଦ୍ୱାରା ପ୍ରଭାବିତ ଅଞ୍ଚଳରେ ନିଖୋଜ ଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ତଲାସୀ ଅଭିଯାନ ଜାରି ରହିଛି । ଗତ ୪ ଦିନ ଧରି ଏହି ପ୍ରାକୃତିକ ବିପ୍‌ତ ଫଳରେ ୪୪ଜଣ ବ୍ୟକ୍ତି ଅଦ୍ୟାବଧି ନିଖୋଜ ଥିବା ଜଣାପଡିଛି । ସିମ୍‌ଲା ଜିଲ୍ଲାର ସମେଜ୍ ଅଞ୍ଚଳର ୩୬ଜଣ ଲୋକ ନିଖୋଜ ଅଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଦଳ ପକ୍ଷରୁ ଉଦ୍ୟମ ଜାରି ରହିଛି । ସିମ୍‌ଲା ଜିଲ୍ଲାର ଡେପୁଟୀ କମିଶନର ଅନୁପମ କାଶ୍ୟପ ଏହି ତଲାସୀ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ଆବଶ୍ୟକ ପଡିଲେ ଅଧିକ ତଲାସୀ ଦଳ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି କ୍ଷତିଗ୍ରସ୍ତ ଅଞ୍ଚଳରେ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ସଂପୃକ୍ତ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଡର୍‌ଚା ସିଙ୍କୁଲା ରାସ୍ତା ବର୍ଷା ଫଳରେ ଗତକାଲି ବିଳମ୍ବିତ ରାତିରେ ଧୋଇଯିବା ସହ ୨ଟି ପୋଲ ମଧ୍ୟ ନଷ୍ଟ ହୋଇଛି । ଫଳରେ

ଏହି ରାସ୍ତା ଦେଇ ଯାତାୟାତକୁ ନିଷିଦ୍ଧ କରାଯାଇଛି ବୋଲି ସୀମା ସଡକ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

## ସୁନ୍ଦରବନ-ରେନ୍

ପଶ୍ଚିମବଙ୍ଗର ସୁନ୍ଦରବନ ଅବବାହିକାରେ ପ୍ରବାହିତ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଥିବାରୁ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଗଙ୍ଗାସାଗର, ମୌସୁମୀଦ୍ୱିପ, ଗୋବର୍ଦ୍ଧନପୁରର ପଥର ପ୍ରତିମା ଏବଂ ଘୋରମାରା ଅଞ୍ଚଳ ବନ୍ୟାପ୍ଲାବିତ ହେବା ଫଳରେ ସେଠାକାର ନଦୀବନ୍ଧ ଗୁଡ଼ିକରେ ଅସ୍ଥାୟୀ ଘାଇ ସୃଷ୍ଟି ହୋଇଛି । ତେବେ ଆହୁରି ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏହିସବୁ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

## ଇଟାଓ୍ୱା-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ଇଟାଓ୍ୱା ଜିଲ୍ଲାର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେରେ ଏକ ଯାତ୍ରୀବାହୀ ବସ୍ ତଳକୁ ଖସିପଡିବା ଫଳରେ ୭ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୩୫ଜଣ ଗୁରୁତର ଆହତ ହୋଇଛନ୍ତି । ଯାତ୍ରୀବାହୀ ବସ୍‌ଟି ଏକ କାର୍ ସହ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିଲା । ଇଟାଓ୍ୱାର ଏସ୍‌ଏସ୍‌ପି ଆକାଶବାଣୀକୁ କହିଛନ୍ତି ରାଏବରେଲିରୁ ଦିଲ୍ଲୀ

ଅଭିମୁଖେ ଯାଉଥିବା ଏହି ବସ୍‌ଟି ଭାରସାମ୍ୟ ହରାଇ କାର୍‌କୁ ଧକ୍କା ଦେଇ ଏକ୍ସପ୍ରେସ୍‌ୱେ ତଳକୁ ଖସିପଡିଥିଲା ।

## କାନ୍ଥ ପଡି ୯ ମୃତ

ମଧ୍ୟପ୍ରଦେଶ ସାଗର ଜିଲ୍ଲାରେ ଏକ ମନ୍ଦିରର କାନ୍ଥ ଭୁଶୁଡି ପଡିବାରୁ ୯ଜଣ ଶିଶୁଙ୍କର ମୃତ୍ୟୁ ହୋଇଛି । ବହୁଲୋକ ଆହତ ହୋଇଥିବା ଜଣାପଡିଛି । ଶାହପୁରର ହରଦୌଲ ବାବା ମନ୍ଦିରରେ ଏକ ଧାର୍ମିକ ସମାବେଶ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜିଲ୍ଲାପାଳ ଦୀପକ ଆର୍ଯ୍ୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଆହତ ଲୋକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ଆବର୍ଜନା ହଟାଇ ଦିଆଯାଇଛି ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ମୃତ ଶିଶୁଙ୍କ ପରିବାର ଲାଗି ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## କେରଳ ୱାୟନାଡ

ଭୂ-ସ୍ଖଳନରେ ଉଦ୍ଧାର ପାଇଥିବା ଶିଶୁଙ୍କୁ ଘଟଣା ସମ୍ପର୍କରେ କୌଣସି ପ୍ରଶ୍ନ ନପଚାରିବାକୁ କେରଳର ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଅନୁରୋଧ କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ବାରମ୍ବାର ଶିଶୁଙ୍କ ସହ ଭୂ-ସ୍ଖଳନ ଘଟଣା ନେଇ ଆଲୋଚନା କରିବା ଦ୍ୱାରା ସେମାନଙ୍କ ଉପରେ ମାନସିକ ଚାପ ପଡିବ । ଭୂ-ସ୍ଖଳନ ଘଟଣା, ପାରିପାରିକ ସ୍ଥିତି, ବନ୍ଧୁବାନ୍ଧବ ଏବଂ ପାଠପଢ଼ା ନେଇ ପିଲାମାନଙ୍କ ସହ କୌଣସି ପ୍ରକାର ଆଲୋଚନାରୁ ନିବୃତ୍ତ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଗଣମାଧ୍ୟମକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ବହୁ ଶିଶୁ ଏହି ଭୂ-ସ୍ଖଳନରେ ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କୁ ହରାଇଥିବା ନେଇ ଜାଣି ନାହାନ୍ତି । ସେ ବିଷୟ ନେଇ ତାଙ୍କ ସହ ଆଲୋଚନା କଲେ ସେମାନଙ୍କର ମାନସିକ ସ୍ଥିତି ଅଧିକ ଖରାପ ହେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

## ବାଂଲାଦେଶ-କ୍ରାଇସେଷ୍ଟ

ବାଂଲାଦେଶର ପ୍ରତିବାଦକାରୀମାନେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ଅଛନ୍ତି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ କଥାବାର୍ତ୍ତା ପ୍ରସ୍ତାବକୁ ସେମାନେ ଅଗ୍ରାହ୍ୟ କରିଛନ୍ତି । ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସଂକ୍ରାନ୍ତ ନିଷ୍ପତ୍ତି ପ୍ରତିବାଦରେ ଢ଼ାକାର ସେଣ୍ଟ୍ରାଲ ସହିଦ ମିନାରଠାରେ ଏକ ବିରାଟ ରାଲି କାଯାଇଥିଲା । ଏହାର ନେତୃତ୍ୱ ନେଉଥିବା ନହିଦ୍ ଇସ୍‌ଲାମ, ସର୍ଗିସ୍ ଆଲାମ ଏବଂ ଆନ୍ଦୋଳନର ଅନ୍ୟ ସଂଯୋଜକମାନେ ଆଜିଠାରୁ ଅସହଯୋଗ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି । ସେମାନଙ୍କ ଦାବି ହେଉଛି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା

ପ୍ରତିବାଦକାରୀ ଛାତ୍ରଛାତ୍ରୀଙ୍କୁ ଡାକି ଗଣଭବନଠାରେ ଏହି ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଛନ୍ତି ।

ବାଂଲାଦେଶର ଗୃହମନ୍ତ୍ରୀ ଅସଦୁ ଜା ମମ୍ ଖାଁ ଗତକାଲି ଆଇନ୍ ସୁରକ୍ଷା ସଂସ୍ଥାର ପ୍ରମୁଖ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଡାକିଥିଲେ । ଏହାପରେ ସେ ଗଣମାଧମକୁ କହିଛନ୍ତି ଛାତ୍ରମାନଙ୍କର ଆନ୍ଦୋଳନ ସଂକ୍ରାନ୍ତ ବିଷୟକୁ ପୁର୍ନବିଚାର କରାଯିବ । ପ୍ରତିବାଦକାରୀ ଆନ୍ଦୋଳନରୁ ନିବୃତ୍ତ ରହି ନିଜ ଘରକୁ ଫେରିଯିବାକୁ ସେ ଅନୁରୋଧ କରିଛନ୍ତି । ଢ଼ାକାରେ ବଳବତ୍ତର ରହିଥିବା କର୍ଫ୍ୟୁକୁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ କୋହଳ କରାଯାଇଛି । ଗଣ୍ଡଗୋଳରେ ଅଂଶଗ୍ରହଣ କରି ଅଟକ ରହିଥିବା ଛାତ୍ରଛାତ୍ରୀଙ୍କୁ ଖଲାସ କରିଦେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବିଶାଖାପାଟନମ-ଟ୍ରେନ୍ ଫାୟାର

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ରେଳଷ୍ଟେସନଠାରେ ଅଟକି ରହିଥିବା କୋର୍ବା-ବିଶାଖାପାଟଣା ଏକ୍ସପ୍ରେସ୍ ଟ୍ରେନ୍‌ରେ ଆଜି ସକାଳେ ନିଆଁ ଲାଗିଯାଇଥିଲା । ୪ ନମ୍ବର ପ୍ଲାଟଫର୍ମରେ ଅଟକି ରହିଥିବା ଏହି ଟ୍ରେନ୍‌ଟିରେ ହଠାତ୍ ନିଆଁ ଲାଗିବାରୁ ରେଳବାଇ କର୍ମଚାରୀ ତୁରନ୍ତ ଯାତ୍ରୀମାନଙ୍କୁ ଓହ୍ଲାଇଯିବାକୁ ସତର୍କ କରିଥିଲେ । ନିଆଁଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଆୟତ୍ତ କରିଥିଲେ । ନିଆଁର ପ୍ରଭାବରେ

ଶୀତତାପ ନିୟନ୍ତ୍ରିତ ବଗି ବି-୨, ବି-୭ ଏବଂ ଏମ୍-୧ ନଷ୍ଟ ହୋଇଯାଇଛି । ଧୂଆଁର ପ୍ରଭାବରେ ସମଗ୍ର ଷ୍ଟେସନ ଅଞ୍ଚଳ ଆଚ୍ଛାଦିତ ହୋଇଯାଇଥିଲା । ରେଳବାଇ କର୍ମଚାରୀମାନଙ୍କର ତ୍ୱରିତ ପଦକ୍ଷେପ ହେତୁ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନଥିବା ଜଣାପଡିଛି ।

## ବ୍ରିଟେନ୍-ରିଓଟ୍ସ

ବ୍ରିଟେନ୍‌ର ଉତ୍ତର-ପଶ୍ଚିମରେ ୩ଜଣ ଯୁବତୀଙ୍କର ହତ୍ୟା ଘଟଣାକୁ ନେଇ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି । ଉଗ୍ର ଦକ୍ଷିଣପନ୍ଥୀ ବିକ୍ଷୋଭକାରୀଙ୍କ ସହ ସୁରକ୍ଷାସଂସ୍ଥା କର୍ମୀଙ୍କର ସଂଘର୍ଷ ଘଟିଥିଲା । ଏଥିରେ କେତେକ ପୁଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଦକ୍ଷିଣ ବନ୍ଦର ସହରରେ ଗତ ସୋମବାର ଦିନ ହୋଇଥିବା ଛୁରାଘାତରେ ୩ଜଣ ଯୁବତୀଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ଜଣେ ମୁସଲମାନ ଜଡିତ ଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାର ପରିପ୍ରେକ୍ଷୀରେ ଏହି ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି ।  ଲିଭରପୁର, ବ୍ରିଷ୍ଟୋଲ, ହଲ୍, ବେଲଫାଷ୍ଟ ଆଦି ଅଞ୍ଚଳରେ ହିଂସାତ୍ମକ ଘଟଣା ଘଟିଥିବା ଜଣାପଡିଛି । ପିଲାଙ୍କର ଏକ ନୃତ୍ୟ କ୍ଲବରେ ଛୁରାଘାତ ଘଟଣାରେ ୩ଜଣ ଯୁବତୀଙ୍କ ମୃତ୍ୟୁ ହେବା ସହ ବହୁ ଲୋକ ଆହତ ହୋଇଥିବା ଜଣାପଡିଛି ।

ସେମାନଙ୍କ ମଧ୍ୟରୁ କେତେକଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଇଛି ।

## ୟୁଏସ୍-ୟୁକେ ସିଟିଜେନ୍

ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେରିକା ଏବଂ ଇଂଲଣ୍ଡ ସେମାନଙ୍କର ନାଗରିକଙ୍କୁ ତୁରନ୍ତ ଲେବାନନ୍ ଛାଡିବାକୁ ପରାମର୍ଶ ଦେଇଛନ୍ତି । ଲେବାନନ୍‌ସ୍ଥିତ ଆମେରିକା ଦୂତାବାସ କହିଛି ମଧ୍ୟପ୍ରାଚ୍ୟରୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିବା ନାଗରିକଙ୍କ ପାଇଁ ବିମାନର ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ସ୍ୱିଡେନ୍ ସେଠାରେ ଥିବା ଦୂତାବାସକୁ ବନ୍ଦ କରିଦେଇଛି । ସ୍ୱିଡେନ ତା'ର ସମସ୍ତ ନାଗରିକଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ଗତକାଲି ପରାମର୍ଶ ଦେଇଥିଲା ।

## କ୍ରିକେଟ

ଭାରତ-ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି କଲମ୍ବୋର ପ୍ରେମଦାଶା ଷ୍ଟାଡିୟମ୍‌ଠାରେ ଖେଳାଯିବ। ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ଆଗୁଆ ରହିବାକୁ

ଚେଷ୍ଟା କରିବ। ପ୍ରଥମ ମ୍ୟାଚ୍‌ଟି ଅମୀମାଂସିତ ଭାବେ ଶେଷ ହୋଇଥିଲା। ଗତ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ବିନିମୟରେ ୨୩୦ ରନ୍ ସଂଗ୍ରହ କରିଥିଲା। ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ସମସ୍ତ ୱିକେଟ ହରାଇ ୨୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା।